# NATIONAL NEWS BULLETIN (ODIA)

**7 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଓ ଇଣ୍ଡୋନେସିଆ ଦ୍ୱିପାକ୍ଷିକ ସମ୍ପର୍କରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି - କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଅନ୍ତର୍ଜାତୀୟ ବଜାରରେ ଏଲ୍‌ପିଜି ମୂଲ୍ୟ ବୃଦ୍ଧି ସତ୍ତ୍ୱେ ବିଶ୍ୱରେ ସର୍ବାପେକ୍ଷା କମ୍ ମୂଲ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଉଛନ୍ତି ଭାର ସରକାର ।

- ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଏବଂ ଏୟୁ ଫାଇନାନ୍ସ ଜାଲିଆତି ମାମଲାରେ ଦେଶର ୬ଟି ସ୍ଥାନରେ ସିବିଆଇର ଚଢ଼ଉ ।

- ସମସ୍ୟାରୁ ସମାଧାନ ପର୍ଯ୍ୟନ୍ତ - ସବୁଠାରେ ସୁରକ୍ଷିତ ଖାଦ୍ୟର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ।

ଏବଂ

- ଆଫଗାନିସ୍ତାନ ବିପକ୍ଷ ଏକମାତ୍ର କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଭାରତର ସ୍ଥିତି ଦୃଢ଼ ।

---

## ଇଣ୍ଡିଆ-ଇଣ୍ଡୋନେସିଆ ମିଟିଂ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଯୁଗ୍ମ କମିଶନ ବୈଠକ ୪ ବର୍ଷର ବ୍ୟବଧାନ

ପରେ ଅନୁଷ୍ଠିତ ହେଉଛି ଏବଂ ଏହି ସମୟ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ନୂଆଦିଲ୍ଲୀରେ ଭାରତ-ଇଣ୍ଡୋନେସିଆ ଯୁଗ୍ମ କମିଶନ ବୈଠକରେ ସହ ଅଧ୍ୟକ୍ଷତା କରିବା ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ପ୍ରାରମ୍ଭିକ ଅଭିଭାଷଣ ରଖି ଏହା କହିଛନ୍ତି । ସେ କହିଛନ୍ତି ଉଭୟ ଦେଶ ଗତବର୍ଷ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନର ୭୫ବର୍ଷ ପୂର୍ତ୍ତି ପାଳନ କରିଛନ୍ତି । ରାଜନୈତିକ, ପ୍ରତିରକ୍ଷା, ସୁରକ୍ଷା, ସାମୁଦ୍ରିକ, ବାଣିଜ୍ୟ ଏବଂ ବିନିଯୋଗ, ସ୍ୱାସ୍ଥ୍ୟ, ଫାର୍ମାସ୍ୟୁଟିକାଲ୍ସ, ଖାଦ୍ୟସୁରକ୍ଷା ଏବଂ ପର୍ଯ୍ୟଟନ, ଶିକ୍ଷା ତଥା ସାଂସ୍କୃତିକ ସହଯୋଗ ସହିତ ସମସ୍ତ ଦ୍ୱିପାକ୍ଷିକ ସହଯୋଗର ବିସ୍ତୃତ ଦିଗ ଉପରେ ବ୍ୟାପକ ଆଲୋଚନା ପାଇଁ ଉଭୟ ଦେଶ ଆଶାବାଦୀ ଅଛନ୍ତି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଗଭ୍ ଏଲ୍‌ପିଜି

ସରକାର କହିଛନ୍ତି ଅନ୍ତର୍ଜାତୀୟ ବଜାରରେ ଏଲ୍‌ପିଜି ମୂଲ୍ୟରେ ବ୍ୟାପକ ବୃଦ୍ଧି ସତ୍ତ୍ୱେ ଭାରତୀୟ ପରିବାର ଗୁଡ଼ିକୁ ବିଶ୍ୱର ସବୁଠାରୁ କମ୍ ମୂଲ୍ୟରେ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଉଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଭାରତୀୟ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ଯେକୌଣସି ପଡୋଶୀ ଦେଶ ଅପେକ୍ଷା ଶସ୍ତା ଏବଂ ଆମେରିକା, ଅଷ୍ଟ୍ରେଲିଆ ଓ କାନାଡ଼ା ଭଳି ବିକଶିତ ଅର୍ଥ ବ୍ୟବସ୍ଥା ତୁଳନାରେ ଏହାର ମୂଲ୍ୟ ବହୁତ୍ କମ୍ ରହିଛି । ମନ୍ତ୍ରଣାଳୟ କହିଛି

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଜଣେ ହିତାଧିକାରୀ ବାର୍ଷିକ ପ୍ରଥମ ୪ଟି ରିଫିଲ ଉପରେ ୩୦୦ଟଙ୍କାର ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ପାଇବା ପରେ ଏକ ୧୪ ଦଶମିକ ୨ କିଲୋଗ୍ରାମ ଏଲ୍‌ପିଜି ସିଲିଣ୍ଡର ପାଇଁ ୬୪୨ ଟଙ୍କା ଦେଇଥାନ୍ତି । ଯେଉଁଠି ଦିଲ୍ଲୀରେ ଜଣେ ସାଧାରଣ ଗ୍ରାହକଙ୍କ ପାଇଁ ଖୁଚୁରା ମୂଲ୍ୟ ୯୪୨ ଟଙ୍କା ରହିଛି ।

ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଚଳିତବର୍ଷ ଫେବୃୟାରୀ ଏବଂ ଜୁନ୍ ମାସ ମଧ୍ୟରେ ଉପସାଗରୀୟ ଅଞ୍ଚଳରେ ହର୍ମୁଜ୍ ଅବରୋଧ ପରେ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହେବା ପରେ ସାଉଦୀ ସିପିର ଏଲ୍‌ପିଜି ଆଧାର ମୂଲ୍ୟ ୪୬ ପ୍ରତିଶତ ବୃଦ୍ଧି ପାଇଛି । ଏକ ୧୪ ଦଶମିକ ୨ କିଲୋଗ୍ରାମ ସିଲିଣ୍ଡରରେ ଯୋଗାଣ ଖର୍ଚ୍ଚ ୧୬ଶହ ଟଙ୍କାରୁ ଅଧିକ ହୋଇଛି । ବିଶ୍ୱ ଶକ୍ତି ବଜାରର ଅସ୍ଥିରତା ପ୍ରଭାବରୁ ଖାଉଟୀମାଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ସରକାର ଏହି ବର୍ଦ୍ଧିତ ମୂଲ୍ୟର ଏକ ବଡ ଅଂଶ ନିଜେ ବହନ କରିଛନ୍ତି ବୋଲି ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି ।

## ସିବିଆଇ-ବ୍ୟାଙ୍କ ଫ୍ରଡ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଗତକାଲି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଏବଂ ଏୟୁ ଫାଇନାନ୍ସ ଜାଲିଆତି ମାମଲାରେ ଚଣ୍ଡୀଗଡ, ପଞ୍ଚକୁଲ୍ଲା ଏବଂ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳର ୬ଟି ସ୍ଥାନରେ ଚଢ଼ଉ କରିଛି । ଏହି ଜାଲିଆତି ମାମଲା ହରିୟାଣା ସରକାରଙ୍କ ୮ଟି ବିଭାଗ ଏବଂ ଚଣ୍ଡିଗଡ ପୌର ନିଗମ ଓ କ୍ରେଷ୍ଟ ଚଣ୍ଡିଗଡର ୨ଟି ବିଭାଗରେ

୬୬୧କୋଟି ଟଙ୍କାର ଅନିୟମିତତା, ଜାଲିଆତି ଏବଂ ସରକାରୀ ପାଣ୍ଠି ହଡପ ସହ ଜଡିତ ।

ଏକ ବିବୃତ୍ତିରେ ସିବିଆଇ କହିଛି ଅପରାଧିକ କାର୍ଯ୍ୟକଳାପରୁ ମିଳିଥିବା ଆୟ ଏବଂ ହୋଇଥିବା ଅନିୟମିତତା ସମ୍ପର୍କରେ ହରିୟାଣା କ୍ୟାଡରର ବରିଷ୍ଠ ସରକାରୀ ଅଧିକାରୀ ଏବଂ ଏକ ବେସରକାରୀ ପରାମର୍ଶଦାତା ସଂସ୍ଥା ଓ ଏହାର ନିର୍ଦ୍ଦେଶକଙ୍କ ଆବାସିକ ପରିସରରେ ଏହି ଚଢ଼ଉ କରାଯାଇଛି । ତଦନ୍ତ ସମୟରେ ମିଳିଥିବା ପ୍ରମାଣରୁ ଜଣାପଡିଛି ସରକାରୀ ଅଧିକାରୀମାନେ ବ୍ୟାଙ୍କ କର୍ମଚାରୀଙ୍କ ସହ ମିଶି ଆକାଉଣ୍ଟ ଖୋଲିବା, ପାଣ୍ଠି ସ୍ଥାନାନ୍ତର କରିବା ଏବଂ ପରବର୍ତ୍ତୀ ସମୟରେ ଏହର ଅନ୍ୟତ୍ର ବ୍ୟବହାର କରିବାରେ ସହଯୋଗ କରିଥିଲେ ।

## ମାଣ୍ଡବ୍ୟ-ସାଇକ୍ଲିଂ

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି ସକାଳେ ନୂଆଦିଲ୍ଲୀରେ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲ' ଅଭିଯାନର ୭୭ତମ ସଂସ୍କରଣରେ ଅଂଶଗ୍ରହଣ କରିଛନ୍ତି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ମନ୍ତ୍ରୀ କହିଛନ୍ତି ସାଇକଲ ଚାଳନା ଦ୍ୱାରା ପୃଥିବୀ ସ୍ୱଚ୍ଛ ରହେ ଏବଂ ଏହା ଟ୍ରାଫିକ ଜାମ୍‌ର ସମାଧାନ ପ୍ରଦାନ କରିଥାଏ । ସାଇକଲ ଚଳାଇବାର ଅନେକ ସ୍ୱାସ୍ଥ୍ୟଗତ ଉପକାରିତା ସମ୍ପର୍କରେ ଉଲ୍ଲେଖ

କରି ଡକ୍ଟର ମାଣ୍ଡବ୍ୟ ନାଗରିକମାନଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଏବଂ ଫିଟ୍ ଇଣ୍ଡିଆର ସମ୍ପର୍କକୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ।

**V/O (Mansukh Mandviya)**

ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲରେ ଅଂଶଗ୍ରହଣ କରିଥିବା ଅଭିନେତା ବିକ୍ରାନ୍ତ ମେସି ଏହି ଅଭିଯାନକୁ ଅଭୂତପୂର୍ବ ବୋଲି ବର୍ଣ୍ଣନା କରିବା ସହ ଏବେ ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଛନ୍ତି । ଦେଶର ନାଗରିକମାନେ ସୁସ୍ଥ ରହିଲେ ଦେଶ ବିକଶିତ ହୋଇପାରିବ ବୋଲି ଶ୍ରୀ ମେସି କହିଛନ୍ତି ।

## ୱାର୍ଲ୍ଡ ଫୁଡ୍ ସେଫ୍ଟି ଡେ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଏକ ସୁସ୍ଥ ଭବିଷ୍ୟତ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ଖାଦ୍ୟ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ନାଗରିକମାନଙ୍କୁ ସୁସ୍ଥ ଖାଦ୍ୟପେୟ ଅଭ୍ୟାସ ଆପଣାଇବା ଏବଂ ଏକ ସୁସ୍ଥ ତଥା ଆତ୍ମନିର୍ଭରଶୀଳ ଭାରତ ଗଠନରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରନ୍ଧନ ତେଲ ବ୍ୟବହାର ୧୦ ପ୍ରତିଶତ ହ୍ରାସ କରିବା ସଂକ୍ରାନ୍ତ ପରାମର୍ଶକୁ ସ୍ମରଣ କରାଇବା ସହ ଉତ୍ତମ ସ୍ୱାସ୍ଥ୍ୟ ତଥା ଏକ ଶକ୍ତିଶାଳୀ ରାଷ୍ଟ୍ର ପାଇଁ ସନ୍ତୁଳିତ ଆହାର ଗ୍ରହଣ କରିବାର ବାର୍ତ୍ତାକୁ ଶ୍ରୀ ନଡ୍ଡା ଦୋହରାଇଛନ୍ତି ।

ପ୍ରତିବର୍ଷ ଜୁନ୍ ୭ ତାରିଖରେ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଜାତୀୟ କର୍ତ୍ତୃପକ୍ଷ, ନାଗରିକ ସମାଜ, ଶିକ୍ଷାବିତ୍ ଏବଂ ବିଶ୍ୱର ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କ ସହ ମିଶି ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିଥାନ୍ତି । ଏହି ଦିବସ ଖାଦ୍ୟ ସୁରକ୍ଷାକୁ ଏକ ଅଂଶୀଦାର ଅଧିକାର ଏବଂ ଦାୟିତ୍ୱବୋଧତା ଭାବେ ଆଲୋକପାତ କରେ ଏବଂ ସାମୁହିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଶକ୍ତିଶାଳୀ ସୁଯୋଗ ପ୍ରଦାନ କରେ । ଚଳିତବର୍ଷର ବିଷୟବସ୍ତୁ ରହିଛି 'ସମସ୍ୟାରୁ ସମାଧାନ-ପର୍ଯ୍ୟନ୍ତ ସର୍ବତ୍ର ସୁରକ୍ଷିତ ଖାଦ୍ୟ' । ଯାହା ଚାଷ ଜମିରୁ ଥାଳି ପର୍ଯ୍ୟନ୍ତ ସ୍ୱଚ୍ଛତା ଏବଂ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାର ଗୁରୁତ୍ୱକୁ ଦର୍ଶାଉଛି ।

## ସିବିଏସ୍ଇ-ରିଭାଲେସନ କ୍ଲାସ-୧୨

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସ୍ଇ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୨୦୨୬ର ଫଳାଫଳ ପରବର୍ତ୍ତୀ ସେବା ପୋର୍ଟାଲରେ ଆପତ୍ତି ଯାଞ୍ଚ ଏବଂ ଉତ୍ତର ଖାତାର ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିବାର ଆଜି ଶେଷ ଦିନ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ କହିଛି ଏହି ପୋର୍ଟାଲ ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ଖୋଲା ରହିବ । ଛାତ୍ରଛାତ୍ରୀମାନଙ୍କୁ ସମୟସୀମା ପୂର୍ବରୁ ନିଜର ଆବେଦନ ପ୍ରକ୍ରିୟା

ସମ୍ପୂର୍ଣ୍ଣ କରି ଦାଖଲ କରିବା ପାଇଁ ବୋର୍ଡ ପରାମର୍ଶ ଦେଇଛି ।

## କ୍ରିକେଟ୍-ଟେଷ୍ଟ

ନ୍ୟୁ ଚଣ୍ଡିଗଡଠାରେ ଖେଳାଯାଉଥିବା ଆଫଗାନିସ୍ତାନ ବିପକ୍ଷ ଏକମାତ୍ର କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଭାରତ ଦୃଢ଼ ସ୍ଥିତିରେ ରହିଛି ।

ଭାରତ ଗତକାଲିର ସ୍କୋର ୩ ୱିକେଟ୍ ୩୬୮ରନ୍‌ରୁ ଖେଳ ଆରମ୍ଭ କରି ୮ ୱିକେଟ୍ ବିନିମୟରେ ୫୬୪ ରନ୍ କରି ପ୍ରଥମ ଇନିଂସ୍‌ରେ ପାଳି ସମାପ୍ତି ଘୋଷଣା କରିଛି । ଅଧିନାୟକ ଶୁଭମନ ଗିଲ୍ ୧୨୬ରନ୍ କରି ଆଉଟ୍ ହୋଇଥିବାବେଳେ ରିଷଭ ପନ୍ତ ୮୧ ରନ୍ ସଂଗ୍ରହ କରିଥିଲେ । ଆଫଗାନିସ୍ତାନର ଦ୍ରୁତ ବୋଲର ମହମ୍ମଦ ସଲିମ ୬ଟି ୱିକେଟ୍ ଅକ୍ତିଆର କରିଛନ୍ତି ।

## ଫ୍ରେଞ୍ଚ ଓପନ-୨୦୨୬

ଫ୍ରେଞ୍ଚ ଓପନ ଟେନିସର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆଜି ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ, ଇଟାଲୀର ଫ୍ଲାଭିଓ କୋବଲି ଙ୍କୁ ଭେଟିବେ । ବିଶ୍ୱର ୩ ନମ୍ବର ଖେଳାଳି ଜେଭରେଭ ତାଙ୍କ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବେ । ସେ ୧୪ ନମ୍ବର ମାନ୍ୟତାପ୍ରାପ୍ତ କୋବଲିଙ୍କୁ ଭେଟିବେ, ଯେ କି ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ

ଖେଳୁଛନ୍ତି । ଉଭୟ ଖେଳାଳି ସେମାନଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଅଛନ୍ତି।

ଗତକାଲି ମହିଳା ସିଙ୍ଗଲ୍ସ ଫାଇନାଲରେ ରୁଷର ଅଷ୍ଟମ ମାନ୍ୟତା ପ୍ରାପ୍ତ ମୀର୍ରା ଆନ୍ଦ୍ରିଭା, ପୋଲାଣ୍ଡର ମାୟା ଚ୍ୱାଲିନସ୍କାଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି । ୧୯ବର୍ଷୀୟା ଆନ୍ଦ୍ରିଭା’ ଚ୍ୱାଲିନସ୍କାଙ୍କୁ ୬-୩, ୬-୩ରେ ପରାସ୍ତ କରି ଏକ ଚିତ୍ତାକର୍ଷକ ପ୍ରଦର୍ଶନ ସହ ସ୍ମରଣୀୟ ବିଜୟ ହାସଲ କରିଛନ୍ତି ।

# ଆଇଏମ୍‌ଡି

ଭାରତୀୟ ପାଣିପାଗ ବିଭାଗ ଆଇଏମ୍‌ଡି’ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁର ଅଗ୍ରଗତି ସହିତ ଦେଶର ବିଭିନ୍ନ ସ୍ଥାନରେ ବ୍ୟାପକ ବର୍ଷା ହେବାର ପୂର୍ବାନୁମାନ କରିଛି । ଅନ୍ୟପକ୍ଷରେ ଉତ୍ତର ଏବଂ କେନ୍ଦ୍ରୀୟ ଭାରତର କେତେକ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆଇଏମ୍‌ଡିର ଆକଳନ ଅନୁସାରେ ଆଗାମୀ ୨ରୁ ୩ ଦିନ ମଧ୍ୟରେ କେନ୍ଦ୍ରୀୟ ଆରବ ସାଗର, ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନାର କେତେକ ଅଞ୍ଚଳ, ତାମିଲନାଡୁର ଅବଶିଷ୍ଟ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପ ସାଗର, ଉତ୍ତର ବଙ୍ଗୋପସାଗର ଏବଂ ଉତ୍ତରପୂର୍ବ ରାଜ୍ୟ ଗୁଡ଼ିକରେ ମୌସୁମୀବାୟୁ ଆଗକୁ ବଢ଼ିବା ପାଇଁ ଅନୁକୂଳ ପରିସ୍ଥିତି ରହିଛି । ଆସନ୍ତାକାଲି ଉପକୂଳ

କର୍ଣ୍ଣାଟକ, କେରଳମ, ମାହେ, ଉପ-ହିମାଳୟ, ପଶ୍ଚିମବଙ୍ଗ ଏବଂ ସିକ୍କିମରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏତଦ୍‌ବ୍ୟତୀତ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଆଭ୍ୟନ୍ତରୀଣ କର୍ଣ୍ଣାଟକ, କୋଙ୍କଣ, ଗୋଆ, ଲାକ୍ଷାଦ୍ୱୀପ, ତାମିଲନାଡୁ, ପୁଡୁଚେରୀ, କରାଇକାଲ ଏବଂ ଉତ୍ତରପୂର୍ବ ରାଜ୍ୟ ଗୁଡ଼ିକରେ ମଧ୍ୟ ଆସନ୍ତାକାଲି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ରହିଛି । ଇତିମଧ୍ୟରେ ପାଣିପାଗ ବିଭାଗ ଆଗାମୀ ୪ ଦିନ ପାଇଁ ଦିଲ୍ଲୀ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ, ପଶ୍ଚିମ ରାଜସ୍ଥାନ ଏବଂ ଉପକୂଳ ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମ ପ୍ରବାହାର ପୂର୍ବାନୁମାନ କରିଛି ।